To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ଫରକ ପଡୁନାହିଁ ପାକ୍ ଉପରେ ଆମେରିକାର ଚାପ



R.N.I. No.-42041/83 Vol-15, Issue No.194, ଭଦ୍ରକ, ଶନିବାର, ୧୩, ଜାନୁୟାରୀ ୨୦୧୮ ■ Bhadrak, Saturday, 13 January 2018 Rs. 2.00 Pages-8

# ବିଚାରପତିଙ୍କ ବିଦ୍ରୋହ !

- ନ୍ୟାୟପାଳିକା ଇତିହାସରେ ପ୍ରଥମ
- ମୁହଁଖୋଲିଲେ ୪ ବିଚାରପତି
- ବିଚାର ପ୍ରକ୍ରିୟାରେ ପାତର ଅନ୍ତର
- ବିପଦରେ ଗଣତନ୍ତ୍ର



ନୂଆଦିଲ୍ଲୀ, ୧୨।୧ : ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଟାର୍ଗେଟରେ ମୁଖ୍ୟ ବିଚାରପତି । ଆଜି ଦିଲ୍ଲୀରେ ଘଟିଥିବା ଏହି ଘଟଣା ସାରାଦେଶରେ ଆଲୋଡନ ସୃଷ୍ଟି କରିଛି । କାରଣ ଭାରତ ଇତିହାସରେ ପ୍ରଥମଥର ପାଇଁ ୪ ଜଣ ସୁପ୍ରିମକୋର୍ଟ ବିଚାରପତି ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ପରିସ୍ଥିତି ଆହୁରି ସଂଗୀନ ହେବାକୁ ଲାଗିଲା ଯେତେବେଳେ ଏହି ବରିଷ୍ଠ ବିଚାରପତିମାନେ ଏକ ସ୍ୱରରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ଟାର୍ଗେଟ କଲେ ।

ସାମ୍ବାଦିକ ସମ୍ମିଳନୀରେ ବିଚାପତିମାନେ ଅଭିଯୋଗ କରିଛନ୍ତି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକୁ କନିଷ୍ଠ ବିଚାରପତିଙ୍କ କୋର୍ଟକୁ ହସ୍ତାନ୍ତର କରାଯାଉଛି । ଏନେଇ ପ୍ରଧାନ ବିଚାରପତିଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଦେଶର ନ୍ୟାୟପାଳିକା ନିରପେକ୍ଷ ନହେଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ଜଷ୍ଟିସ ଚେଲେମେଶ୍ୱର, ଜଷ୍ଟିସ ଗୋଗୋଇ, ଜଷ୍ଟିସ ଲୋକୁର ଓ ଜଷ୍ଟିସ କୁରିଏନ ଜୋସେଫ । ମେଡିକାଲ କଲେଜ ନାମଲେଖା ଦୁର୍ନୀତିର ତଦନ୍ତ କରିବା ପାଇଁ ଜଷ୍ଟିସ ଚେଲେମେଶ୍ୱରଙ୍କ କୋର୍ଟ ଏକ ୫ଜଣିଆ ଖଣ୍ଡପୀଠକୁ ପଠାଇଦେବା ପରେ ଏହାକୁ ପ୍ରଧାନ ବିଚାରପତି ପୁଣି ୭ ନମ୍ବର କୋର୍ଟକୁ ପଠାଇଥିଲେ । ସେହିପରି ସୋରାବୁଦ୍ଦିନ ଶେଖ ଏନକାଉଣ୍ଟର ମାମଲାର ତଦନ୍ତ କରୁଥିବା ସିବିଆଇ ଜଜ ଜଷ୍ଟିସ ବିଏଚ ଲୋୟାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର ତଦନ୍ତ ଭାର କୋର୍ଟ ନମ୍ବର ୧୦କୁ ଦିଆଯିବା ନେଇ ମଧ୍ୟ ସେମାନେ ଆପତ୍ତି ଉଠାଇଛନ୍ତି ।

ସୋରାବୁଦ୍ଦିନ ଶେଖ ଏନକାଉଁଟର ମାମଲାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି । ଏହି ମାମଲାର ଶୁଣାଣି ସିବିଆଇ ଜଜ ଜଷ୍ଟିସ ବିଏଚ ଲୋୟାଙ୍କ କୋର୍ଟରେ ଚାଲିଥିବାବେଳେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା । କେତେକ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ଏହାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । ସୋରାବୁଦ୍ଦିନ ହତ୍ୟାକାଣ୍ଡ ସହ ବିଚାରପତିଙ୍କ ମୃତ୍ୟୁର ସଂପର୍କ ଥିବା ସନ୍ଦେହ ପ୍ରକାଶ ପାଇଥିଲା । ଯାହାର ନିରପେକ୍ଷ ତଦନ୍ତ ପାଇଁ ହୋଇଥିବା ଆବେଦନର ଶୁଣାଣି କରୁଛନ୍ତି ଜଷ୍ଟିସ ଅରୁଣ ମିଶ୍ରଙ୍କ ଖଣ୍ଡପୀଠ । ଦେଶର ନ୍ୟାୟପାଳିକା ଇତିହାସରେ ଏଭଳି ଘଟଣା ପ୍ରଥମଥର ସାମ୍ନାକୁ ଆସିଛି ଯେତେବେଳେ ମୁଖ୍ୟବିଚାରପତିଙ୍କ ଉପରେ ଅସନ୍ତୁଷ୍ଟ ବରିଷ୍ଠ ବିଚାରପତିମାନେ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି । ଏହା ଉପରେ ମତାମତ ଦେଇ ଆଟର୍ଣ୍ଣି ଜେନେରାଲ ବି. ଭେନୁଗୋପାଳ କହିଛନ୍ତି ଘଟଣାଟିର ଆପୋଷ ସମାଧାନ ହେବ ।

# ସେଞ୍ଚୁରି ମାରିଲା ଇସ୍ରୋ

ନୂଆଦିଲ୍ଲୀ, : ଇସ୍ରୋର ପୋଲାର ସାଟେଲାଇଟ ଲଂଚ ଭେଇକିଲ୍ (ପିଏସଏଲଭି) ତାହାର ୪୨ତମ ଉଡ଼ାଣରେ ଏକକାଳୀନ ୩୧ଟି ଉପ୍ରଗହକୁ କକ୍ଷପଥରେ ଅବସ୍ଥାପିତ କରିବାରେ ସଫଳ ହୋଇଛି। ଏସବୁ ଉପଗ୍ରହ ମଧ୍ୟରେ ୭୧୦ କିଲୋଗ୍ରାମ ଓଜନର ରିମୋଟ ସେନ୍ସିଂ କାର୍ଟୋସାଟ-୨ ଓ ଅନ୍ୟାନ୍ୟ ୩୦ଟି ଉପଗ୍ରହ ଅଛି। ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆଜି ଏହାର ଉତ୍‌କ୍ଷେପଣ ହୋଇଛି। ପିଏସଏଲଭିର ଏହି ଉଡ଼ାଣକୁ ପିଏସଏଲଭି-ସି୪୦ କୁହାଯାଉଛି।

ମହାକାଶ କେନ୍ଦ୍ରର ପ୍ରଥମ ଲଂଚ ପ୍ୟାଡରୁ ସକାଳ ୯ଟା ୨୯ ମିନିଟରେ ପିଏସଏଲଭି ଉଡ଼ାଣ ଭରିଥିଲା। ଉଡ଼ାଣ ଆରମ୍ଭର ୧୬ ମିନିଟ ୩୭ ସେକେଣ୍ଡ ମଧ୍ୟରେ ଉପଗ୍ରହଗୁଡ଼ିକ ବିଷୁବ ରେଖାର ୫୦୩ କିଲୋମିଟର ଓ ୯୭.୫୫ ଡିଗ୍ରୀ କକ୍ଷରେ ପହଂଚିପାରିଥିଲା। ଏହାପରେ ୭ ମିନିଟ ମଧ୍ୟରେ କାର୍ଟୋସାଟ- ୨ ସିରିଜ୍ ଉପଗ୍ରହ, ଆଇଏନଏସ୍-୧ସି ଏବଂ ଅନ୍ୟ ୨୮ଟି ଉପଗ୍ରହ ଗୋଟିଏ ପରେ ଗୋଟିଏ ପିଏସଏଲଭିରୁ ବିଚ୍ଛିନ୍ନ ହୋଇଥିଲେ। ପିଏସଏଲଭି-ସି୪୦ର ଚତୁର୍ଥ ପର୍ଯ୍ୟାଁୟରେ ଦୁଇଥର ଛୋଟ ବିସ୍ଫୋରଣ କରାଯାଇଥିଲା, ଯଦ୍ୱାରାକି ଭାରତର ମାଇକ୍ରୋସାଟ୍ ସଫଳତାର ସହ ବିଚ୍ଛିନ୍ନ ହୋଇ ୩୬୫ କିଲୋମିଟର ଉଚ୍ଚ କକ୍ଷପଥରେ ଅବସ୍ଥାପିତ ହୋଇପାରିଥିଲା। ପିଏସଏଲଭିରୁ ବିଚ୍ଛିନ୍ନ ହେବା ପରେ କାର୍ଟୋସାଟ୍-୨ ସିରିଜ୍ ଉପଗ୍ରହକୁ ବେଙ୍ଗାଲୁରୁସ୍ଥିତ ଇସ୍ରୋର ଟେଲିମାଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଇସଟ୍ରାକ୍) ନିୟନ୍ତ୍ରଣ କରିବା ଆରମ୍ଭ କରିଥିଲା। ଆସନ୍ତା ଦିନରେ ଏହି ଉପଗ୍ରହ ସମ୍ପୂର୍ଣ୍ଣ (ପୃଷ୍ଠା-୭)



➲ ଇତିହାସ ରଚିଲା ଇସ୍ରୋ, ପଠାଇଲା ୩୧ ଉପଗ୍ରହ
➲ ପାକିସ୍ତାନ ଓ ଚୀନ୍ ଉପରେ ନଜର ରଖିବ

## ଯେତେବେଳେ କୌଣସି ପ୍ରସଙ୍ଗ ନ ଥାଏ ସେତେବେଳେ ମୋ ଅଫିସ୍‌କୁ ଟାର୍ଗେଟ କରାଯାଇଥାଏ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୧(ସକାଳଖବର) : ଯେତେବେଳେ କୌଣସି ପ୍ରସଙ୍ଗ ନ ଥାଏ ସେତେବେଳେ ମୋ ଅଫିସକୁ ଟାର୍ଗେଟ କରା ଯାଇଥାଏ । ଏଥିରେ କୌଣସି ନୂତନତ୍ୱ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଦଳୀୟ ସାଂସଦ ବୈଜୟନ୍ତ ପଣ୍ଡା ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ସେ ବର୍ତମାନ ଉନ୍ନୟନ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି । ଓଡିଶାବାସୀ ଏହା ଜାଣିଛନ୍ତି । ସାଂସଦ ଶ୍ରୀ ପଣ୍ଡା ଦେଇଥିବା ମନ୍ତବ୍ୟ ନେଇ



ଜବାବ ମାଗିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଯାହା ଠିକ ହେବ ଦଳରେ ସେହି ନିଷ୍ପତି ନିଆ ଯିବ । ଠିକଣା ସମୟରେ ସଠିକ ନିଷ୍ପତି ନିଆ ଯିବ ।

# ୧୭ ମାସରେ ଉଚ୍ଚ ସ୍ତରରେ ଖୁଚୁରା ଦର

ନୂଆଦିଲ୍ଲୀ,୧୨।୧ : ଦରବୃଦ୍ଧି ଯୋଗୁ ସରକାରଙ୍କୁ ପୁଣି ଥରେ ଝଟକା ଲାଗିଛି । ଡିସେମ୍ବରରେ ଖୁଚୁରା ମହଙ୍ଗା ଦର ଅର୍ଥାତ ସିପିଆଇ ବୃଦ୍ଧି ହୋଇ ୫.୨୧ ପ୍ରତିଶତରେ ପହଞ୍ଚିଛନ୍ତି । ଯାହା ନଭେମ୍ବରରେ ୪.୮୮ ପ୍ରତିଶତରେ ଥିଲା । ଖାଦ୍ୟପେୟ ସାମଗ୍ରୀ ଦରରେ ମଧ୍ୟ ନିଆଁ ଲାଗିଛି । ମାସ ପରେ ମାସ ଡିସେମ୍ବରରେ ଦର ବୃଦ୍ଧି ୪.୪୨ ପ୍ରତିଶତରୁ ବୃଦ୍ଧି ପାଇ ୪.୯୬ ପ୍ରତିଶତରେ ପହଞ୍ଚିଛି । ସହରାଞ୍ଚଳରେ ମଧ୍ୟ ଏହି ଦର ବୃଦ୍ଧି ପାଇ ୭.୩୬ ପ୍ରତିଶତରୁ ବୃଦ୍ଧି ପାଇ

ବଜେଟ୍ ପୂର୍ବରୁ ମହଙ୍ଗା



୮.୨୫ ପ୍ରତିଶତରେ ପହଞ୍ଚିଛି । ସେଣ୍ଟ୍ରାଲ ଷ୍ଟାଟିସଟିକ୍ସ ଅଫିସ(ସିଏସଓ) ପକ୍ଷରୁ ଆଜି ଏହି ତଥ୍ୟ ଜାରି କରାଯାଇଛି । ପରିବାର ଦର ଅଧିକ ମହଙ୍ଗାରେ ରହିଛି । ଦର ବୃଦ୍ଧି ବଢ଼ିବା କାରଣରୁ ସୁଧ ଦର ହ୍ରାସ ପାଇବା ନେଇ ଯେଉଁ ଆଶା କରାଯାଉଥିଲା ସେଥିରେ ଧକ୍କା ଲାଗିଛି । ମାସ ପରେ ମାସର ଆଧାରରେ ଡିସେମ୍ବରରେ ଡାଲି ଦର ମଧ୍ୟ ବୃଦ୍ଧି ପାଇଛି । ଡିସେମ୍ବରରେ ପରିବା ଦର ୨୨.୪୮ ପ୍ରତିଶତରୁ ବୃଦ୍ଧି ପାଇ ୨୯.୧୩ ପ୍ରତିଶତରେ ପହଞ୍ଚିଛି । କିନ୍ତୁ ତୈଳ, ବିଜୁଳିରେ ଦର ବୃଦ୍ଧିରେ କୌଣସି ପରିବର୍ତ୍ତନ ହୋଇନାହିଁ । ନଭେମ୍ବରରେ ଶିଳ୍ପ ଉତ୍ପାଦନ (ଆଇଆଇପି)ରେ ପୁଣି ଥରେ ଅଭିବୃଦ୍ଧି ଦେଖାଯାଇଛି । ୨୫ ମାସ ପରେ ବୃଦ୍ଧି ଦର ୮.୪ ପ୍ରତିଶତରେ ପହଞ୍ଚିଛି । ଅକ୍ଟୋବରରେ ଆଇଆଇପି ୨.୨ ପ୍ରତିଶତରେ ଥିଲା । ଯାହା ଗତ ତିନି ମାସରେ ସବୁଠୁ ନିମ୍ନ ସ୍ତରରେ ଥିଲା । ମ୍ୟାନୁଫେକଚରିଂ ଗ୍ରୋଥ ଗତ ବର୍ଷ ତୁଳନାରେ ୧୦.୨ ପ୍ରତିଶତରେ ରହିଛି ।

## ଭାରତ ଅନୁପ୍ରବେଶକାରୀଙ୍କୁ ବରଦାସ୍ତ କରିବ ନାହିଁ : ବିପିନ ସିଂହ ରାୱତ

ନୂଆଦିଲ୍ଲୀ,୧୨।୧ : ଭାରତୀୟ ସେନା ମୁଖ୍ୟ ଜନେରାଲ ବିପିନ ରାୱତ ଶୁକ୍ରବାର ଦିନ କହିଛନ୍ତି ଯେ ଚୀନ ଶକ୍ତିଶାଳୀ ହୋଇପାରେ କିନ୍ତୁ ଭାରତ ବି କିଛି କମ୍ ନୁହେଁ । ସେ କହିଛନ୍ତି ଯେ ଭାରତ ତାର କୌଣସି ସୀମାରେ ଅନୁପ୍ରବେଶକାରୀଙ୍କୁ ବରଦାସ୍ତ କରିବ ନାହିଁ । ଶୁକ୍ରବାର ଦିନ ସେନା ମୁଖ୍ୟ ଚୀନ ପକ୍ଷରୁ ମିଳୁଥିବା ଧମକ ଚମକକୁ ନେଇ ଭାରତୀୟ ସେନାର ରଣନୀତି ଉପରେ ଚର୍ଚ୍ଚା କଲେ । ରାୱତ କହିଛନ୍ତି ଯେ ଏବେ ସମୟ ଆସିଯାଇଛି ଯେ ଭାରତ ତାର ଉତ୍ତରବର୍ତ୍ତୀ ସୀମା ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । କେବଳ ଏତିକି କରିବା



ଦ୍ୱାରା ଆକ୍ରମଣକାରୀ ଚୀନ ସହ ଲଢ଼ିବାକୁ ଭାରତ ସବୁ ଦିଗରୁ ସକ୍ଷମ । ସେନା ପ୍ରମୁଖ କହିଛନ୍ତି ଭାରତ ନିଜ ପଡ଼ୋଶୀ ଦେଶଙ୍କ ଠାରୁ ଦୂରେଇ ଗଲେ ମଧ୍ୟ ଚୀନର ନିକଟତର ହେବ ନାହିଁ । ରାୱତ କହିଛନ୍ତି (ପୃଷ୍ଠା-୭)

## ମାଓବାଦୀ ପୋଡିଲେ ବସ୍

ମାଲକାନାଗିରି,୧୨।୧(ସକାଳଖବର) : ଆଜି ମାଓବାଦୀମାନେ ମାଲକାନାଗିରି ସୀମାନ୍ତରେ ଏକ ଯାତ୍ରିବାସୀ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି । ଛତିଶଗଡ ସୁକମାରେ ଏହି ଘଟଣା ଘଟିଛି । ସମସ୍ତ ଯାତ୍ରୀମାନଙ୍କୁ ଓହ୍ଲାଇ ଦେବା ପରେ ଏହି କାଣ୍ଡ ଭିଆଇଛନ୍ତି । ଏଥିରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି । ଏହା ପରେ ପୋଲିସ୍ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି । ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ବିଶ୍ୱର ୩ୟ ଚର୍ଚ୍ଚିତ ନେତା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୨।୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଇଜରଲାଣ୍ଡର ଡାଭୋସ ଠାରେ ହେବାକୁ ଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ଭାରତ ପାଇଁ ଏକ ଭଲ ଖବର ଆସିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ପଛରେ ପକାଇ ବିଶ୍ୱର ଶ୍ରେଷ୍ଠ ୩ଜଣ ଟାଣୁଆ ନେତା ହୋଇପାରିଛନ୍ତି ମୋଦି ।

ଗଲ୍ପ ଇଣ୍ଟରନ୍ୟାସନାଲ୍ ସର୍ଭେ ରିପୋର୍ଟ ମୋଦିଙ୍କୁ ତାଲିକାର ୩ୟ ସ୍ଥାନରେ ରଖିଛି । ୫୦ଟି ଦେଶର ଶକ୍ତିଶାଳୀ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା । ସର୍ଭେରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଥେରେସା ମେ, ଇସ୍ରାଇଲର



ବେଞ୍ଜାମିନ୍ ନେତାନୟାହୁଙ୍କୁ ନିଆଯାଇଛି । ୨୦୧୭ ପାଇଁ ବିଶ୍ୱର ଶ୍ରେଷ୍ଠ ତାଲିକାରେ ପୁତିନଙ୍କୁ ୬ ନମ୍ବର ର୍ୟାଙ୍କ ମିଳି ଥିବାବେଳେ ଟ୍ରମ୍ପଙ୍କୁ ୧୦ମ ସ୍ଥାନ ମିଳିଛି । ତାଲିକାର ଶ୍ରେଷ୍ଠ ସ୍ଥାନରେ ଜର୍ମାନ ଚାନସେଲର ଆଞ୍ଜେଲା ମର୍କେଲ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାର୍କନଙ୍କୁ ସ୍ଥାନ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଇଜରଲାଣ୍ଡର ଡାଭୋସରେ ଆଗାମୀ ଜାନୁଆରୀ ୨୨ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୱାଲର୍ଡ ଇକୋନୋମିକ୍ ଫୋରମ୍‌ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଶ୍ରେୟସର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା

ଭୁବନେଶ୍ୱର, ୧୨।୧(ସକାଳଖବର) : ଆନ୍ଧ୍ରର ବିଶାଖାପାଟଣାସ୍ଥିତ ଶ୍ରୀଚୈତନ୍ୟ ଇଂରାଜୀ ମିଡ଼ିୟମ ସ୍କୁଲରେ ଏକାଦଶ ଶ୍ରେଣୀରେ ପାଠ ପଢ଼ୁଥିବା ଶ୍ରେୟସ ସହପାଠୀଙ୍କ ରାଗିଂରେ ଶିକାର ହୋଇ ମୃତ୍ୟୁବରଣ କରିଥିବା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି । କ୍ୟାପିଟାଲ ହସପିଟାଲର ନିର୍ଦ୍ଦେଶକ ଡ. ଚିତରଞ୍ଜନ ଦାସଙ୍କ କହିବା ଅନୁଯାୟୀ ଶ୍ରେୟସଙ୍କର ହୃଦୟରେ କ୍ଷତଥିବା ଚିହ୍ନଟ ହୋଇଛି । ଫୁସ୍‌ଫୁସରେ ପାଣି ଏବଂ ଧମନୀରେ ନଳୀରେ ରକ୍ତ ଜମାଟ ବାନ୍ଧିବା, ହୃଦୟ ଏବଂ ମାଂସପେଶୀରେ ଗଭୀର ଆଘାତ ମଧ୍ୟ ହୋଇଛି । ଏହି କାରଣ ପାଇଁ ତାଙ୍କର ମୃତ୍ୟୁ ଘଟିଛି ।

# ଚିଲିକାରେ ଫସିଲା ଡଙ୍ଗା

ଭୁବନେଶ୍ୱର,୧୨।୧(ସକାଳଖବର): ଗତ କିଛି ଦିନ ହେବ ରାଜ୍ୟରେ ହାଡ ଭଙ୍ଗା ଶୀତ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ଆଜି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଘନକୁହୁଡିର ଆବରଣ ଦେଖିବାକୁ ମିଳିଛି । ଘନ କୁହୁଡି ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିବାବେଳେ ଚିଲିକାରେ ଏକ ଯାତ୍ରୀବାହୀ ଡଙ୍ଗା ଫସି ରହିଥିବା ସୂଚନା ମିଳିଛି । ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଡଙ୍ଗା ଗୁଡିକ ଦ୍ୱାରା ଉଦ୍ଧାର କରାଯାଇଛି । ଆଜି ସକାଳେ ସାତପଡାରୁ ଜହ୍ନିକୁଦା ଯାଉଥିବାବେଳେ ଚିଲିକା ମଝିରେ ଏକ ବାଲିକୁଦରେ ଯାତ୍ରୀବାହୀ ଡଙ୍ଗା ଅଟକି ରହିଥିଲା । ଘନକୁହୁଡି ଯୋଗୁଁ ଡଙ୍ଗାଟି ଆଗକୁ ଯିବା ସମ୍ଭବ ହୋଇ ପାରିନଥିଲା । ମଇଁଶା କୁଦ ନିକଟରେ ଡଙ୍ଗାଟି ଅଟକି



❑ କୁହୁଡି ହେଲା କାଳ,କୁଦରେ ଅଟକିଲା ଡଙ୍ଗା
❑ ଉଦ୍ଧାର ହେଲେ ଯାତ୍ରୀ, ସମସ୍ତେ ସୁରକ୍ଷିତ

ରହିଥିଲା । ଡଙ୍ଗାରେ ୨୦ ଜଣ ଯାତ୍ରୀ ରହିଥିବାବେଳେ କୁହୁଡି କମିବା ପରେ ପୁଣି ଡଙ୍ଗାଟି ସ୍ୱାଭାବିକ ଭାବରେ ଯାତ୍ରା କରିଥିଲା ଯାତ୍ରୀ ମାନେ ସୁରକ୍ଷିତ ଭାବରେ ଗନ୍ତବ୍ୟ ସ୍ଥଳରେ ପହଂଚିଥିବା ସୂଚନା ମିଳିଛି । (ପୃଷ୍ଠା-୭)



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।



ହୁଣ୍ଡିର ଆୟ (୧୨.୧୧.୧୭)
୪,୪୫,୦୨୭

## ବ୍ରାଉନ୍ ସୁଗାର ଜବତ, ଜଣେ ଗିରଫ

ପୁରୀ, ୧୨।୧(ସକାଳଖବର) : ଆଜି ଅବକାରୀ ବିଭାଗ ନରେନ୍ଦ୍ର କୋଣରେ ଚଢ଼ାଉ କରି ବ୍ରାଉନ୍‌ସୁଗାର ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଏହି ଘଟଣାରେ ଜଣ ମହିଳାଙ୍କୁ ଗିରଫ କରାଯାଇ ତଦନ୍ତ ଚାଲୁ ରହିଛି । ଏହି ମହିଳା ଜଣଙ୍କ କହିଛନ୍ତି ଯେ, ମୋର ଏହି କାରବାରରେ କୌଣସି ସମ୍ପୃକ୍ତି ନାହିଁ । ମୋର ସ୍ୱାମୀ ଏହା କରୁଛନ୍ତି ବୋଲି ସେ ପ୍ରକାଶ କରିଛି । ପୂର୍ବରୁ ମଧ୍ୟ ଜଣେ ମହିଳା ଏପରି ନିଶାକାରବାର କରୁଥିବା ଜଣାପଡିଛି । ଏଥିପାଇଁ ଅବକାରୀ ବିଭାଗର ମୁଣ୍ଡ ବ୍ୟଥା ବଢ଼ିଯାଇଛି । ଏହା ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି ।

# ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

## ୩ଦିନ ଧରି ଚାଲିବ, ପ୍ରଦର୍ଶିତ ହେବ ୩୯ ଚଳଚ୍ଚିତ୍ର

ଭୁବନେଶ୍ୱର,୧୨।୧(ସକାଳଖବର) : ସାହିତ୍ୟ ଓ ସିନେମାକୁ ନେଇ ଏଥର ଆୟୋଜିତ ହେବ ଦ୍ୱାଦଶ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ । କଳା ଓ କଳାକାରଙ୍କ ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜନ କରୁଥିବା ଜେଡି ସେଣ୍ଟର ଅଫ୍ ଆର୍ଟ ଏଥର ଇଡ୍‌କଲ୍ ପ୍ରେକ୍ଷାଳୟରେ ୩୯ଟି ଚଳଚ୍ଚିତ୍ର ଭେଟିଦେବ । ଓଡ଼ିଆ ଚଳଚ୍ଚିତ୍ର ଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ସ୍ୱର୍ଗତ ନୀରଦ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ନିର୍ଦ୍ଦେଶିତ ମାୟା ମିରିଗ, ଅହଲ୍ୟାର ବାହାଘର, ମୟୂରଭଂଜର ଛଉନୃତ୍ୟ, ଧଉଳିଗିରିର ଶାନ୍ତିସ୍ତୁପ ଏବଂ ପଟ୍ଟଚିତ୍ର ଭଳି ଚର୍ଚିତ ଓ ଅନ୍ତର୍ଜାତୀୟ ପୁରସ୍କୃତ



ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ବିଶିଷ୍ଟ କଥାକାର ମନୋଜ ଦାସ ଓ ଗୌରହରି ଦାସଙ୍କ ଲିଖିତ କ୍ଷୁଦ୍ରଗଳ୍ପର ଚଳଚ୍ଚିତ୍ର ମଧ୍ୟ ଦେଖିବାକୁ ମିଳିବ । ୧୧ ଦେଶର ୧୫ଟି ବିଦେଶୀ ଭାଷାର ସିନେମା ଦେଖିବାକୁ ମିଳିବ । ଏତଦ୍‌ବ୍ୟତୀତ ୧୨ଟି ଓଡ଼ିଶାର ଏବଂ ୧୨ଟି ଅନ୍ୟ ଭାରତୀୟ ଭାଷାର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଅସ୍‌ଗର ଫର୍‌ହାଦିଙ୍କ (ପୃଷ୍ଠା-୭)

## ଯୁବଶକ୍ତିର ଭାବନା ନବସୃଜନର ଅଗ୍ନି ସ୍ଫୁଲିଙ୍ଗ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଆମ ଯୁବ ଗୋଷ୍ଠୀକୁ ନିଯୁକ୍ତି ସୃଷ୍ଟିକାରୀ ରୂପେ ଗଢ଼ିବାକୁ ପଡିବ । ସେମାନେ ଚାକିରୀ ପଛରେ ନ ଗୋଡାଇ ନବସୃଜନରେ ଅଗ୍ରଣୀ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଏବେ କେତେ ଲୋକ କହୁଛନ୍ତି ଯେ, ଆମ ଯୁବକଙ୍କ ମଧ୍ୟରେ ଧୈର୍ଯ୍ୟ ନାହିଁ । ତେବେ ସେ ଏହା ମାନିବାକୁ ପ୍ରସ୍ତୁତ ନୁହଁନ୍ତି ବରଂ ଆମ ଯୁବଶକ୍ତିର ଭାବନା ନବସୃଜନର ଗୋଟିଏ ଗୋଟିଏ ଅଗ୍ନି ସ୍ଫୁଲିଙ୍ଗ । ଯୁବ ଗୋଷ୍ଠୀ ଚୀରାଚରିତ ଢ଼ଙ୍ଗରେ ଚିନ୍ତା ନ କରି କିଛି ନୂଆ କରି ଦେଖାଇବାର ସ୍ୱପ୍ନ ରଖିଛନ୍ତି ବୋଲି ସେ କହିଛନ୍ତି । ଆଜି ଜାତୀୟ ଯୁବ ଦିବସ ପାଳନ ତଥା କର୍ଣ୍ଣାଟକର ବେଲଗାଭୀଠାରେ ଆୟୋଜିତ ସର୍ବ ଧର୍ମ ସଭାକୁ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରି ସେ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସ୍ୱାମୀ ବିବେକାନନ୍ଦ ବିଶ୍ୱ ଭ୍ରାତୃତ୍ୱ ଭାବ ଉପରେ ଗୁରୁତ୍ୱ ଦେଇଥିଲେ । ଆମର ସର୍ବକଲ୍ୟାଣ ଭାରତର ସାମଗ୍ରିକ ବିକାଶ ଉପରେ ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପାଶ୍ଚାତ୍ୟ ରାଷ୍ଟ୍ରରେ ଭାରତ ବିରୁଦ୍ଧରେ ଅନେକ ଅପପ୍ରଚାର କରାଯାଉଥିଲା, ଯାହାକୁ ସ୍ୱାମୀ ବିବେକାନନ୍ଦ ଭୁଲ ପ୍ରମାଣିତ କରିଛନ୍ତି । ସାମାଜିକ କୁସଂସ୍କାର ଓ ବ୍ୟାଧି ବିରୁଦ୍ଧରେ ସେ ଦୃଢ଼ ଭାବେ ସ୍ୱର ଉତୋଳନ (ପୃଷ୍ଠା-୭)

1234-O

I&PR- 25169/11/0014/1718

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**